ଜାରା ଶବର ଉପାଖ୍ୟାନ
ଅଗସ୍ତି ବୋଇଲେ ଶୁଣ ବଇବସୁତ ମନୁ
ଜାରା ନାମେ କିରାତ ଯେ ଅଜପତିର ତନୁ । ୧ ।
ଗଣ୍ଡା ଦୁଇଗୋଟା ଘେନି ଅଇଲା ଯତନେ
ବାରୁଣାବନ୍ତକଇଂ ଚଳଇ ତୋଷମନେ । ୨ ।
ମଥାରେ ମଜୂର ଝାଲି କଣ୍ଠେ ଗୁଞ୍ଜରା ମାଳି
ଲୋହିତ ବର୍ଣ୍ଣ ନେତ୍ର ଶରୀରେ ରଙ୍ଗଧୂଳି । ୩ ।
ଧାମଣା କାଠର ଧନୁ କଣ୍ଟା ବାୟେଂଶର ଗୁଣ
ଡାଳି ଆଭରଣ ଫିରିକି ନାରାଜ ତ୍ରୋଣ । ୪ ।
-----
୩ ।୧ ମଜୂର-ମୟୂର

ୟେହେନେକ ସରୂପେ ଅଜପତିର ତନୟେ
ଦ୍ରୋଣଙ୍କୁ ଦ୍ରଶନ କଲା ବାରୁଣାବନ୍ତ ଆଖଡାୟେ । ୫ ।
ଗଣ୍ଡା ଦେଖି ସାନନ୍ଦ ହୋଇଲେ ଦ୍ରୋଣ ଗୁରୁ
ମୁହିଂ ବିଦ୍ୟା ପୁତ୍ର ହୋଇକି ଆଗ୍ୟାଂ ଯେବେ କରୁ । ୬ ।
ଯୁଝେଷ୍ଠି ବୋଇଲା ହୋ ଥାଉ ୟେ କିରାତ
ବନଚର ଲୋକ ୟେହାରେ କାର୍ଯ୍ୟ ଅଛି ବହୁତ । ୭ ।
ଶୁଣିଣ କୋପ କଲା ସେ ଧୃତରାଷ୍ଟ ବଳା
ରାଗେଣ ବୋଇଲା ତୁ ହୀନ କିରାତ ରେ ବହନ ୟେଥୁଂ ପଳା । ୮ ।
ଅର୍ଜୁନ ବୋଇଲା ୟେ ନୋହଇ ୟେମନ୍ତ
ବଚନର ଲୋକ ୟେହାରେ ଅଛଇ କାର୍ଯ୍ୟ ବହୁତ । ୯ ।
ଗଣ୍ଡା ହରିଣ ଯେ ମୃଗ ବାହୁଟିୟା
ଚାମେରୀ ଆଦି କରି ଆଣୁଥିବ ଜିଆଦ ସାଳେହା । ୧୦ ।
ଥାଉ ବୋଲି କରି ଆଗ୍ୟାଂ ଦିଲେ ଗୁରୁ ଦ୍ରୋଣେ
ଦ୍ରିଯୋଧନ ବୋଇଲେ କିପାଂ ଭଣ୍ଡାଅ ଅକାରଣେ । ୧୧ ।
ଧୁଶାସନକୁ ବୋଇଲା ୟେହାକୁ ନିଅ ବାଳ ଧରି
ବନସ୍ତେ ଛାଡି ଆସ ଅନେକ ଅବସ୍ତା କରି । ୧୨ ।
ଶୁଣିଣ ଧୁଶାସନ କେଶ ଧରିଣ ଯେ କୋପେ
ଯୋଜନକ ଅନ୍ତରେ ଯେ ଛାଡିଲା ଗରୁ ତାପେ । ୧୩ ।
ସେ ଜାରା କିରାତ ଅନେକ କ୍ରୋଧ କଲା
ଆଖଡା ଶାଳରୁ ଆପଣା ପଲ୍ଲିକି ଝାଡ କାଟି ନେଲା । ୧୪ ।
ଆପଣା ପଲ୍ଲି ଦ୍ୱାରେ ଭିଆଇଲା ଆଖଡା
ଦ୍ୱାଦଶ ଯୋଜନେ ଥାଇ ସାଧଇ ମହାବୀରା ।୧୫ । ସଂଖ୍ୟା
ଆପଣା ଦ୍ୱାରେ ଥାଇ ବାରୁଣାବନ୍ତ ଆଖଡାକୁ ଲୟ ଦେଇ
ଦ୍ୱାଦଶ ଯୋଜନେ ଥାଇ ବିଦ୍ୟା ସାଧଇ ତହିଂ । ୧୬ । ସଂଖ୍ୟା
ଦେଖ ହୋ ମହିମା ପ୍ରତାପୀ ଶବରା
ଦ୍ୱାଦଶ ଯୋଜନେ ଥାଇ ତଲୟେ କରଇ ଜାରା । ୧୭ । ସଂଖ୍ୟା
--------
୧୦ ।୨ ସୟମୃର ଆଦି କରି ପାରାଧି ବରେହା ।
୧୪ ।୨ ଆଖଡା ଶାଳରୁ ଆପଣା ପଲ୍ଲିକି ଲଟା କଟାଇଲା ।

ଯେବଣ ପାଦ ଗତି କରନ୍ତି ଦ୍ରୋଣ ଗୁରୁ ଦେବେ
ସେହି ମତି ସାଧନ୍ତି ସର୍ବ କଉରୋବେ । ୧୮ ।
ସେହି ଗତିକି ଚାହିଂ ଶବର ସାଧଇ ସର୍ବ ବିଦ୍ୟା

ସମସ୍ତ ଶିଖିଲା ସେ କ୍ଷତ୍ରିୟ ମହାସିଦ୍ଧା । ୧୯ ।
ତାରା ନାମେଣ ଯେ ତାହାର ପ୍ରିୟବତୀ
ସେ କିରାତକୁ ବୋଇଲା ବିମୁଖ କରି ମତି । ୨୦ ।
ଆମ୍ଭେ ବନଚର ଲୋକ ବନ ଜୀବ ଆହାରୀ
ମୃଗୟା ନ ଯାଇ କିଂପା ଧାଇଂ ଧାଇଂ ମରି । ୨୧ ।
ଜାରା ବୋଇଲା ତୁ ଶୁଣସି ରେ ସଂଘାତ
କାଳେ ଜାଣିମୁ ସିନା ୟେଥିର ତଦନ୍ତ । ୨୨ ।
ଭାରିଯା ବୋଇଲା ୟେହାକୁ କିସ କିସ ବୋଲି
କେବଣ ପ୍ରକୃତି ତୋର ୟେହା ବୁଝି ନ ପାରିଲି । ୨୩ ।
ଅକାରଣେ ପାମର ରେ କିଂପେ ଧାଇଂ ଧାଇଂ ମରୁ
ୟେହା ଯେ ସାଧୁଅଛୁ ହୋ କେ ତୋହୋର ଗୁରୁ । ୨୪ ।
ଅଣ ଗୁରୁରେ ବିଦ୍ୟା ଯେ ନୋହଇ ପରାପତ
ମୂର୍ଖ ପାମର ହୋ ତୁ ବନଚରେ ଜାତ । ୨୫ ।
ଭାରିଯାର ବଚନ ପରମ ହିତ କଲା
ମାଟିର ଦ୍ରୋଣେକ ସେ କିରାତ ବେଗେଣ ଥାପିଲା । ୨୬ ।
ମଥାରେ ଖଞ୍ଜିଲା ସେ କୃଷ୍ଣ ମୃଗର ଚାମର
ଗୁଞ୍ଜରା ମାଳୀୟେ ଖଞ୍ଜିଲାକ ଲଲାଟେ ତାହାର । ୨୭ ।
ସଞ୍ଜିକ ବେନି ଗୋଟି ଚକ୍ଷୁରେଣ ଖଞ୍ଜି
ଗୁଞ୍ଜ ଗରଗଡ ମାଳୀ ଗଳାରେ ଅଛି ରଞ୍ଜି । ୨୮ ।
କୋଇଲି ସୂତା ପଇତା ଆଭରଣ କଲା ବାମ କନ୍ଧେ
କୁମୁଦ ମାଳ ଉତ୍ତୁରୀ ଲମ୍ବାଇଲା ଛନ୍ଦେ । ୨୯ ।
ଚନ୍ଦନ କାଠ ଘୋରି ହୃଦରେ ଦିଲା ଚିତା
ଧାମଣା କାଠର ଧନୁ ଧରାଇଲା ବାମ ହସ୍ତା । ୩୦ ।
------
୨୧ ।୨  ମୃଗୟାକୁ ନ ଯାଉ ଅଶକନ୍ଦି ହୋଇ କି- । ମରି ।

ଡାହାଣ ଭୁଜର ଯେ ତର୍ଜନୀ ଅଙ୍ଗୁଷ୍ଠ
ଆଖଡାଶାଳକୁ ତାହାର କରାଇଛି ଦୃଷ୍ଟି । ୩୧ ।
ସେ ମୃତ୍ତିକା ଦ୍ରୋଣର ଚରଣାମ୍ବୁଜ ସେବି
ସାଧିଲା ସମସ୍ତ ବିଦ୍ୟା କିରାତସେନ ବଇଷ୍ଟଂଭୀ । ୩୨ ।
ବଦୟନ୍ତି ଅଗସ୍ତି ଶୁଣ ହୋ ଯୁଗପତି
ୟେମନ୍ତେ ବିଦ୍ୟା ସାଧିଲା ଚଉବିଂଶ ବର୍ଷ ପରିଯନ୍ତି । ୩୩ । ସଂଖ୍ୟା
ସମସ୍ତ ବିଦ୍ୟାରେ ସେ ହୋଇଲା ନିର୍ଜିତା
ଧନୁ ବିଦ୍ୟାରେ ସେ ହୋଇଲା ବଳବନ୍ତା । ୩୪-୩୬୮ ।
-------
୩୨ ।୨  ବଇଷ୍ଟଂଭୀ-ବିଶ୍ରମ୍ଭୀ-ବିଶ୍ୱସୀ
**